# ତହସିଲଦାରଙ୍କ କାର୍ଯ୍ୟାଳୟ, ଜଳେଶ୍ୱର

**ବିଜ୍ଞପ୍ତି ସଂଖ୍ୟା.** ୪୪୫୬ **ତା.** ୨୮/୧୧/୨୦୨୨

## ସୈରାତ ଉତ୍ସ ନିଲାମ ବିଜ୍ଞାପନ ନିମନ୍ତେ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜଳେଶ୍ୱର ତହସିଲ ଅଧିନସ୍ଥ ବିଭିନ୍ନ ସୈରାତଉତ୍ସ ଗୁଡ଼ିକ ଚଳିତ ଆର୍ଥିକ ବର୍ଷ ଅର୍ଥାତ 2022-23 ନିମନ୍ତେ ପୂର୍ବ ନିର୍ଦ୍ଧାରିତ ତାରିଖ 14.12.2022 ଦିବା 11 ଘଟିକା ସମୟରେ ଜଳେଶ୍ୱର ତହସିଲ କାର୍ଯ୍ୟାଳୟରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରକାଶ୍ୟ ନିଲାମ ଦେବାପାଇଁ ସ୍ଥିରିକୃତ ହୋଇଅଛି । ଏଣୁ ନିଲାମ ନେବାକୁ ଥିବା ସୈରାତଉତ୍ସ ଗୁଡ଼ିକର ବିଷଦ ବିବରଣୀ ନିମ୍ନରେ ଥିବା ସାରଣୀରେ ପ୍ରଦତ୍ତ ହୋଇ ଅଛି । ଏଣୁ ନିଲାମ ନେବାକୁ ଥିବା ଆଗ୍ରହୀ ବ୍ୟକ୍ତି ମାନେ ଉକ୍ତ ଧାର୍ଯ୍ୟ ତାରିଖ ଓ ସମୟରେ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ନିଲାମରେ ଅଂଶ ଗ୍ରହଣ କରିପାରିବେ । ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ସଂପୃକ୍ତ ଉତ୍ସ ନିମନ୍ତେ ଧାର୍ଯ୍ୟ ସରକାରୀ ମୂଲ୍ୟର ଶତକଡ଼ା 10% ( ଦଶ ପ୍ରତିଶତ) ବଇନା ଧନ ( Earnest Money ) ବାବଦକୁ ନଗଦ ଅର୍ଥ କିମ୍ବା ବ୍ୟାଙ୍କ ଡ୍ରାଫଟ୍ ଆକାରରେ ନିଲାମରେ ଅଂଶ ଗ୍ରହଣ କରିପାରିବା ପୂର୍ବରୁ ଦାଖଲ ଦେବେ, ଅନ୍ୟଥା ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ ନାହିଁ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ସର୍ବୋଚ୍ଚ ନିଲାମ ଡାକି ଥିବା ବ୍ୟକ୍ତିଙ୍କୁ ପ୍ରାଧାନ୍ୟ ଦେବାପାଇଁ ନିଲାମ କର୍ତ୍ତୃପକ୍ଷ ବାଧ୍ୟ ରହିବେ ନାହିଁ କିମ୍ବା ଆନୁଷ୍ଠାନିକ ଭାବେ ସୂଚାଇ ଦିଆନଯିବା ପର୍ଯ୍ୟନ୍ତ ସାମୁହିକ ଭାବେ ସ୍ଥିରିକୃତ (Provisionally Selected) ନିଲାମ ଧାରୀ ସମ୍ପୃକ୍ତ ଉତ୍ସ ଉପରେ କୌଣସି ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ । ନିଲାମ ସାବ୍ୟସ୍ତ ସୂଚନା ପ୍ରଦାନ ମାତ୍ରେ ନିଲାମ ଗ୍ରହୀତା ସମ୍ପୃକ୍ତ ଉତ୍ସ ବାବଦକୁ ସମସ୍ତ ରାଶି ଏକକାଳିନ ଦାଖଲ କରିବାକୁ ବାଧ୍ୟ ରହିବେ ଅନ୍ୟଥା ତାଙ୍କର ବଇନା ଧନ ବାଜ୍ୟାପ୍ତି କରାଯାଇ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯଦି ଉପରୋକ୍ତ ଧାର୍ଯ୍ୟ ତାରିଖରେ କୌଣସି ସୈରାତଉତ୍ସ ନିଲାମ ହୋଇ ନପାରିଲା ତେବେ ଉକ୍ତ ଉତ୍ସ ଗୁଡ଼ିକର ତାଲିକା ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶନ କରାଯାଇ 2ୟ ପର୍ଯ୍ୟାୟରେ ଧାର୍ଯ୍ୟ ତା.17.12.2022 ରିଖ ରେ ଉପରୋକ୍ତ ପ୍ରକାରେ ନିଲାମ କରାଯିବ । ସେହିପରି 2ୟ ପର୍ଯ୍ୟାୟରେ ନିଲାମ ହୋଇନପାରିଥିବା ଉତ୍ସ ଗୁଡ଼ିକ 3ୟ ପର୍ଯ୍ୟାୟରେ ତା.21.12.2022 ରିଖରେ ଉପରୋକ୍ତ ପ୍ରକ୍ରିୟା ଅନୁସାରେ ନିଲାମ ଦିଆଯିବ । ଅନିବାର୍ଯ୍ୟ କାରଣ ବଶତଃ କିମ୍ବା କୌଣସି କାରଣ ନଦର୍ଶାଇ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖିଥିବା କିମ୍ବା ବାତିଲ କରିବାର କ୍ଷମତା କର୍ତ୍ତୃପକ୍ଷଙ୍କର ରହିଅଛି ।

ମତ୍ସ ନିମନ୍ତେ ଉଦ୍ଦିଷ୍ଟ ଉତ୍ସ ଗୁଡ଼ିକ ନିଲାମରେ ଅଂଶ ଗ୍ରହଣ କରିଥିବା ଆଗ୍ରହୀ ମତ୍ସ ସମବାୟ ସମିତି (Fisheries Co-operative Society) ମାନଙ୍କୁ ଅଗ୍ରାଧିକାର ଦିଆଯିବ ।

## ନିଲାମ ପାଇଁ ଉଦ୍ଦିଷ୍ଟ ଉତ୍ସ ଗୁଡ଼ିକର ସାରଣୀ

| କ୍ର. ନଂ | ସୈରାତ ଉତ୍ସର ନାମ | ରାଜସ୍ୱ ନିରୀକ୍ଷକ ମଣ୍ଡଳର ନାମ | ରାଜସ୍ୱ ଗ୍ରାମ | ତଫସିଲ ବୃତ୍ତି | ସରକାରୀ ଧାର୍ଯ୍ୟ ମୂଲ୍ୟ |
|---|---|---|---|---|---|
| 1 | ସାପ୍ତାହିକ ହାଟ ମାଙ୍କିଡ଼ିଆ | ଓଲମରା | ମାଙ୍କିଡ଼ିଆ | ଖାତା-820<br>ପ୍ଲଟ-379 ରକବା-ଏ0.64 | 14,300/- |
| 2 | କଳମା ଖାଲ | ସରଡ଼ିହା | କଳମା | ଖାତା-1748<br>ପ୍ଲଟ-7805 ରକବା-ଏ1.90,<br>ପ୍ଲଟ-7950<br>ରକବା-ଏ0.80 | 24,200/- |
| 3 | ଶ୍ରୀରାମପୁର ନଦୀ | ସରଡ଼ିହା | ଶ୍ରୀରାମପୁର | ଖାତା-146<br>ପ୍ଲଟ-557<br>ରକବା-ଏ75.73 | 4477/- |
| 4 | ବଜାରଶୋଳ ନଦୀ | ସରଡ଼ିହା | ବଜାରଶୋଳ | ଖାତା-388<br>ପ୍ଲଟ-1253<br>ରକବା-ଏ50.00 | 50,050/- |
| 5 | କୁଣ୍ଡଳୀଚକ ନଦୀ | ସରଡ଼ିହା | କୁଣ୍ଡଳୀଚକ | ଖାତା-151<br>ପ୍ଲଟ-401 ରକବା-ଏ57.38 | 47,850/- |
| 6 | ରାଜପୁର ନଦୀ | ଜଳେଶ୍ୱର | ରାଜପୁର | ଖାତା-972<br>ପ୍ଲଟ-385, 1601, 94, 314, 385, 1602 ରକବା-ଏ0.40, ଏ0.08, ଏ1.20, ଏ0.1.10, ଏ0.40, ଏ0.80 | 62,920/- |
| 7 | ମାଣିକଚକ ନଦୀ | ଜଳେଶ୍ୱର | ଶାସନବାଡ଼ | ଖାତା-242<br>ପ୍ଲଟ-13, 14, 31, 32, 36, 37, 49, 67, 68, 69, 90<br>ମୋଟ ରକବା-ଏ0.84 | 1925/- |
| ୪ | ଦେଉଳବାଡ଼ ଟ୍ୟାଙ୍କ | ନାମ୍ପୋ | ଦେଉଳବାଡ଼ | ଖାତା-154<br>ପ୍ଲଟ-169 ରକବା-ଏ0.83 | 1408/- |

ତହସିଲଦାର ଜଳେଶ୍ୱର

ପରିପତ୍ର ସଂଖ୍ୟା ....୪୪୫୩.... ତା....୨୭|୧୧|୨୦୨୨

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ/ପଞ୍ଚାୟତ ସମିତି ଜଳେଶ୍ୱର କାର୍ଯ୍ୟାଳୟ/ସମ୍ପୃକ୍ତ ଥାନା/ ସମ୍ପୃକ୍ତ ରାଜସ୍ୱନିରୀକ୍ଷକଙ୍କ କାର୍ଯ୍ୟାଳୟ/ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା । ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମର

ପ୍ରକାଶ୍ୟ ସ୍ଥାନରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା । ସଂପୃକ୍ତ ଉତ୍ସ ଗୁଡ଼ିକର ପୂର୍ବ ତିନି ବର୍ଷ ମଧ୍ୟରେ ଥିବା ନିଲାମ ଗ୍ରହିତା କିମ୍ବା ସେମାନଙ୍କର ଉତ୍ତରାଧିକାରୀ ମାନଙ୍କ ଗୋଚରାର୍ଥେ ଜଣାଇ ଦିଆଗଲା ।

ତହସିଲଦାର ଜଳେଶ୍ୱର

**ପରିପତ୍ର ସଂଖ୍ୟା** ୬୪୫ **ତା.** ୨୮/୧୧/୨୦୨୨

ଏହାର ଏକକିତା ନକଲ ଉପଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର ଜଳେଶ୍ୱର